ସମାଜ

କଟକ, ତା୧୨।୧୦।୩୮ ବୁଧବାର

ଓଡ଼ିଶାରେ ନିଶା ନିବାରଣ

ଆଜି 'ସମାଜ'ର ଶେଷ ଲେଖା ଲେଖିବାକୁ ଗଲାବେଳେ ଢେଙ୍କାନାଳ ଭୁବନ ଅଞ୍ଚଳର ସେ ରାଜ୍ୟର ପୁଲିସ ଫୌଜଙ୍କ ଗୁଳି ଗୋଳରେ ମରିଥିବା ୬ଜଣ ଗରିବ ଲୋକଙ୍କ ମୃତ ଦେହ କଟକର ସହର ଭିତର ଦେଇ ବୁହାହୋଇ ଯାଉଛି । ଗୁଳି ଗୋଳରେ ଆହତ ହୋଇଥିବା ୯ଜଣ ଲୋକଙ୍କ ଭିତରୁ କଟକ ଡାକ୍ତରଖାନାରେ ଆଜି ଜଣେ ମରି ଯାଇଛି । ଏ ଦାରୁଣ, କରୁଣ ଏବଂ ଲୋମହର୍ଷଣକାରୀ ଦୃଶ୍ୟ ଯେ ଦେଖୁଛି ସେ କାନ୍ଦି ପକାଉଛି—ଓଃ, ମନୁଷ୍ୟକୁ ମନୁଷ୍ୟ କି କଲବଲ କରି ମାରି ପକାଉଛି !

ଏହି ଦାରୁଣ ଦୃଶ୍ୟ ଭିତରେ ଆଜି ବାଲେଶ୍ୱରଠାରେ ଓଡ଼ିଶା ସରକାର ପକ୍ଷରୁ ନିଶା ନିବାରଣ କାର୍ଯ୍ୟର ଅଦ୍ୟାରମ୍ଭ ଖବର ଆସି ପହଞ୍ଚିଛି । ଏ ସମ୍ବାଦ ମନରେ ଯେ ଗଭୀର ଆନନ୍ଦ ଦିଅନ୍ତା, ଅଥଚ ଏ ଦୃଶ୍ୟ ଦେଖିବା ଓ ଦାରୁଣ କାହାଣୀ ଶୁଣୁଥିବାବେଳେ କେଜାଣି କାହିଁକି ସେ ଆନନ୍ଦ ଆସୁନାହିଁ । ପଡ଼ୋଶୀ ରାଜ୍ୟରେ ମନୁଷ୍ୟ ଶିକାର ଚାଲିଛି, ଦୁଃଖ ନିର୍ଯାତନାର ସୀମାନାହିଁ, ବାହାରୁ ନିରପେକ୍ଷ ଅନୁସନ୍ଧାନ କରି ମତ ପ୍ରକାଶ କରିବାଭଳି କେହି ଲୋକ ସେଠାକୁ ପ୍ରବେଶ କରିପାରୁ ନାହାନ୍ତି । ଓଡ଼ିଶାର ଲାଟ ଓ ମନ୍ତ୍ରୀମଣ୍ଡଳ ଓଡ଼ିଶା ଗଡ଼ଜାତର ଏହି ସମସ୍ୟା ନେଇ ଗୁରୁତର ଆଲୋଚନା କରି ଗଡ଼ଜାତରେ ଶୀଘ୍ର ଶାନ୍ତି ଫେରି ଆସିବ ବୋଲି ଆଶା ପ୍ରକାଶ କରୁଥିବା ବେଳେ ଓ ସେହି ଆନନ୍ଦରେ ବାଲେଶ୍ୱରରେ ନିଶା-ନିବାରଣ କାର୍ଯ୍ୟ ଆରମ୍ଭ କରିବାକୁ ଯାଉଥିବା ବେଳେ ଓଡ଼ିଶା ସରକାରୀ ପୀଠରେ ଢେଙ୍କାନାଳ ପୁଲିସର ଗୁଳି ଗୋଳରେ ମରିଥିବା ଲୋକଙ୍କ ଏ ମୃତ ଦେହ ଓ ଆହତ ଲୋକଙ୍କ କଲବଲ ଯନ୍ତ୍ରଣା ସେମାନଙ୍କ ମନରେ କି ଭାବ ଆଣୁଥିବ କେଜାଣି ?

ଓଡ଼ିଶା ପ୍ରଦେଶ ଓ ଓଡ଼ିଶା ଗଡ଼ଜାତ ପରସ୍ପର ସଙ୍ଗେ ଘନିଷ୍ଠ ଭାବରେ ମିଶି ରହିଛି । ଏକର ଦୁଃଖରେ ଅନ୍ୟ ଦୁଃଖୀ ହେବାର କଥା । ଉଭୟେ ଏକ ଭାଷାଭାଷୀ, ଏକ ଜାତି, ସମାଜିକ ଆଦି ସବୁ ପ୍ରକାର ଘନିଷ୍ଠ ସମ୍ପର୍କ ଉଭୟଙ୍କ ଭିତରେ ରହିଛି । ଓଡ଼ିଶା ପ୍ରଦେଶରେ ଆଜି ଶାସନରେ କିଛି ପରିବର୍ତ୍ତନ ଓ ଉନ୍ନତି ଘଟିଲେ ଓଡ଼ିଶା ଗଡ଼ଜାତର ଲୋକେ କି ଆଗ୍ରହରେ ଓ କି ବ୍ୟାକୁଳତାର ସହିତ ସେ ସବୁ ଦେଖୁଥିବେ, ଶୁଣୁଥିବେ ଓ ନିଜ ଦଶାକୁ ତାହାସଙ୍ଗେ ତୁଳନା କରି କିପରି ମ୍ରିୟମାଣ ହୋଇ ଯାଉଥିବେ ? ଆଜି ଓଡ଼ିଶାରେ କଂଗ୍ରେସ ସରକାର ନିଶା ନିବାରଣ କାର୍ଯ୍ୟ ଆରମ୍ଭ କଲେ । ବାଲେଶ୍ୱର ଜିଲ୍ଲାରେ ଏ କାର୍ଯ୍ୟ ପ୍ରଥମ ହୋଇ ଆରମ୍ଭ ହେଲା । ଓଡ଼ିଶାରେ ନିଶାବାବଦ ବାର୍ଷିକ ପ୍ରାୟ ୩୫ଲକ୍ଷ ଟଙ୍କା, ସେଥିମଧ୍ୟରୁ କେବଳ ବାଲେଶ୍ୱରରେ ଅଫିମ ବାବଦ ବାର୍ଷିକ ପ୍ରାୟ ୪ଲକ୍ଷ ଟଙ୍କା । ବାଲେଶ୍ୱରର ଲୋକେ ଅଫିମ ଖିଆରେ ଭାରତରେ ୨ୟ ସ୍ଥାନ ଅଧିକାର କରିଛନ୍ତି । ଏଠାରେ ଅଫିମ ନିଶାଖିଆ ବନ୍ଦ କରିବା କାର୍ଯ୍ୟ ବହୁ ପୂର୍ବରୁ ଆରମ୍ଭ ହେବାର ଥିଲା । ରାଜସ୍ୱ ଆୟ କମିବାକୁ ଅନିଚ୍ଛୁକ ହୋଇ ପୂର୍ବ ସରକାରମାନେ ଏହା କମାଇବା ପରିବର୍ତ୍ତେ ବଢ଼ାଇ ଆସିଛନ୍ତି । କିନ୍ତୁ ଆଜି ଓଡ଼ିଶା ପ୍ରଦେଶରେ କଂଗ୍ରେସ ସରକାର ଏ କାର୍ଯ୍ୟ ଆରମ୍ଭ କରିବା ଦ୍ୱାରା ଧନ୍ୟବାଦର ପାତ୍ର ହେବେ । ଭଗବାନ କରନ୍ତୁ ଏ ଉଦ୍ୟମ ପୂର୍ଣ୍ଣ ସଫଳ ହେଉ ଏବଂ ସମଗ୍ର ଉତ୍କଳରୁ ନିଶାରାକ୍ଷସ ମୂଳପୋଛ ଲୋପ ପାଇବାର ବ୍ୟବସ୍ଥା ତୁରନ୍ତ ହେଉ ।

ନିଶାନିବାରଣ କିନ୍ତୁ କେବଳ ସରକାରୀ ଉଦ୍ୟମରେ ସଫଳ ହୋଇ ପାରିବ ନାହିଁ । ଯେଉଁମାନେ ଅଫିମ ବିଷ ଖାଉଛନ୍ତି ସେମାନେ ସ୍ୱେଚ୍ଛାରେ ଖାଉଛନ୍ତି । ତେଣୁ ଏହା ଛାଡ଼ିବା ପାଇଁ ଲୋକଙ୍କ ଭିତରେ ସଂକଳ୍ପ ଆସିବା ଦରକାର । ଲୋକଙ୍କ ପକ୍ଷରୁ ପୂର୍ଣ୍ଣ ସହଯୋଗ ନହେଲେ ଏହା ସଫଳ ହୋଇ ପାରିବ ନାହିଁ । ଅଫିମ ନିଶା ଛାଡ଼ିବା ଲୋକଙ୍କ ପକ୍ଷରେ କଷ୍ଟକର ହୋଇପାରେ । ସେଥିପାଇଁ ଚିକିତ୍ସା ପ୍ରଭୃତି ରଖି, ଠିକ ବ୍ୟବସ୍ଥା କରି ଏହା ନିରୋଧ କରିବାର ବ୍ୟବସ୍ଥା କରାଯାଉଛି । ଏଥିପାଇଁ ପ୍ରବଳ ଜନମତ ସୃଷ୍ଟି କରାଯିବା ଉଚିତ । ବିଶେଷରେ ଗୋଟିଏ ଅଫିମ ଯେପରି ଆସି ବିକ୍ରୀ ନ ହୁଏ ସେଥିପାଇଁ ଅଧିକ ସତର୍କ ହେବା ମଧ୍ୟ ଉଚିତ । ବାଲେଶ୍ୱରର ଦୁଇପଟେ ଖାସବଙ୍ଗ ଅଞ୍ଚଳ ରହିଛି, ଅନ୍ୟ ପଟେ ବଣ ଜଙ୍ଗଲ ପୂର୍ଣ୍ଣ କେତେଗୁଡ଼ିଏ ଗଡ଼ଜାତ ରହିଛି । ଏ ସମସ୍ତଙ୍କ ଭିତରେ ଏ ଦିଗରେ ପୂର୍ଣ୍ଣ ସହଯୋଗ ପ୍ରତିଷ୍ଠିତ ନ ହେଲେ ଏହାର ସାଫଲ୍ୟରେ ବହୁତ ବାଧା ଘଟିପାରେ । ଏହି ଜନହିତକର କାର୍ଯ୍ୟରେ ସମସ୍ତଙ୍କର ସାହାଯ୍ୟ ସହଯୋଗ କରିବା ଉଚିତ । ଦେଶରେ ଯେତେ ଅଶାନ୍ତି ଅସନ୍ତୋଷ ପ୍ରକାଶ ପାଉଛି ତା ମୂଳରେ ଆର୍ଥିକ ଦୁର୍ଗତି ବିଶେଷ ପରିମାଣରେ ରହିଛି । ନିଶା ବାବଦରେ ଲୋକଙ୍କର ଲକ୍ଷ ଲକ୍ଷ ଟଙ୍କା ଚାଲିଯାଉଥିବାରୁ ଲୋକଙ୍କର ଶାରୀରିକ ଓ ନୈତିକ ଅବନତି ସଙ୍ଗେ ସଙ୍ଗେ ଆର୍ଥିକ ବିପତ୍ତି ବେଶିବେଶି ବଢ଼ୁଛି । ବାଲେଶ୍ୱରରେ ତଥା ପାଖଆଖ ପଡ଼ୋଶୀ ଅଞ୍ଚଳରେ ଯଦି ଏ ବ୍ୟାଧି ଦୂର କରିବାରେ ପୂର୍ଣ୍ଣ ସହଯୋଗ ପ୍ରକାଶ ପାଏ ଏବଂ ପୂର୍ଣ୍ଣ ନିଶା ନିବାରଣ ଯଦି କରାଯାଏ ତେବେ ଏକ ନୂଆ ଯୁଗ ଫେରି ଆସିବ ଏବଂ ଲୋକଙ୍କ ଆର୍ଥିକ ଅବସ୍ଥା କେତେକ ପରିମାଣରେ ବଦଳିଯିବ, ନୈତିକ ଓ ଶାରୀରିକ ଅଧୋଗତିରୁ ଲୋକେ ଅନେକ ପରିମାଣରେ ରକ୍ଷା ପାଇବେ । ଭଗବାନ କରନ୍ତୁ ଏ ଉଦ୍ୟମ ସଫଳ ହେଉ ଏବଂ ଲୋକସାଧାରଣ ଓ ଶାସକମାନଙ୍କ ହୃଦୟରେ ଏଥିପାଇଁ ଦୃଢ଼ ସଂକଳ୍ପ ଆସୁ ।

——

ଢେଙ୍କାନାଳରୁ ଶବ ଆସିଲା
କଟକରେ ବିରାଟ ପଟୁଆର

କଟକ, ତା୧୨।୧୦।୩୮

ପୁଲିସ ଗୁଳିଗୋଳରେ ମରିଥିବା ଢେଙ୍କାନାଳର ଭୁବନରୁ ୨ଜଣ ଓ ନୀଳକଣ୍ଠପୁରରୁ ୪ଜଣ ଏପରି ମୋଟ ୬ଜଣଙ୍କ ମୃତଦେହ ଓ ଗୁଳିଗୋଳରେ ଆହତ ୮ଜଣ ଲୋକଙ୍କୁ ଆଜି ଦିନ ଗାଡ଼ିରେ କଟକ ଅଣାହୋଇଛି । ଆହତ ୮ଜଣଙ୍କୁ ସଙ୍ଗେ ସଙ୍ଗେ କଟକ ଡାକ୍ତରଖାନାକୁ ପଠାହୋଇଛି । ସେମାନଙ୍କ ଭିତରୁ ୨।୩ଜଣଙ୍କ ଅବସ୍ଥା ମରଣାପନ୍ନ । ଡାକ୍ତରଖାନାରେ ସଙ୍ଗେ ସଙ୍ଗେ ସେମାନଙ୍କର ଏକସରେ ପରୀକ୍ଷା କରାହୋଇ ଚିକିତ୍ସା ବ୍ୟବସ୍ଥା କରାଯାଇଛି ।

ଢେଙ୍କାନାଳ ରାଜ୍ୟରୁ ଗୁଳିଗୋଳରେ ମରିଥିବା ଲୋକଙ୍କ ଶବ କଟକକୁ ଆସିବା ଖବର ସହରରେ ବିଦ୍ୟୁତ ବେଗରେ ବ୍ୟାପ୍ତ ହୋଇଗଲା । ଏମାନଙ୍କୁ ସମ୍ମାନ ଦେଖାଇବାପାଇଁ ଗାଡ଼ି ଆସି ଷ୍ଟେସନରେ ଲାଗିବା ପୂର୍ବରୁ ପ୍ରାୟ ୨।୩ ହଜାର ଲୋକ ଜମା ହୋଇଥିଲେ । ଷ୍ଟେସନଠାରେ ଏସବୁ ମୃତଦେହକୁ ଟ୍ରେନରୁ ବାହାର କରି ଫୁଲମାଳ ଦେଇ ସେମାନଙ୍କର ଫଟୋ ନିଆ ହୋଇଛି । ଏହିସବୁ ମୃତଦେହ ସହ ଏକ ବିରାଟ ପଟୁଆର ସହରର ଗୃହଅଡ଼େ ବୁଲିବାର ବ୍ୟବସ୍ଥା କରାଯାଉଛି ।

——

ଡେଗରାଇରେ ଗାନ୍ଧିଜୟନ୍ତୀ

ଲକ୍ଷ୍ମୀପାଟଣା, ତା୧୦।୧୦।୩୮

ତା ୨।୧୦।୩୮ ରିଖରେ ଡେଗରାଇ ବାସୁଲୀ ମନ୍ଦିର ପଡ଼ିଆରେ ମହାତ୍ମାଗାନ୍ଧିଙ୍କଙ୍କ ଜନ୍ମଦିନ ଉପଲକ୍ଷେ ଶ୍ରୀଯୁକ୍ତ ବାବୁ ରଜନୀକାନ୍ତ କରଙ୍କ ସଭାପତିତ୍ୱରେ ଗୋଟିଏ ସଭା ହୋଇଥିଲା । ପ୍ରାୟ ୬।୭ଶହ ଲୋକ ଯୋଗ ଦେଇଥିଲେ । ପିଠାପୁର ଓ ପଳାସିଆ ମୌଜାରୁ ଦୁଇଗୋଟି ଶୋଭାଯାତ୍ରା ଜାତୀୟ ପତାକା ସହ ଓ ହରିଜନମାନେ ବାଜାବାଜଣା କରି ସଭାସ୍ଥାନକୁ ଆସିଥିଲେ । ଶ୍ରୀଯୁକ୍ତ ମହମଦ ରହିମ ବାବୁ ଗାନ୍ଧିଜୀଙ୍କ ଜୀବନୀ ବିଷୟରେ ସଂକ୍ଷେପରେ କେତେକ ବିଷୟ କହିଥିଲେ । ହିନ୍ଦୁ ଓ ମୁସଲମାନମାନେ ପ୍ରାୟ ତିନି ଶତ ଲୋକଙ୍କୁ ଚୂଡ଼ା ଗୁଡ଼ ଓ ନଡ଼ିଆ କୋରା ଭୋଜି ଦିଆ ଯାଇଥିଲା ।

ଲକ୍ଷ୍ମୀପାଟଣା ଗ୍ରାମର ନୂଆ ଆଶ୍ରମରେ ଗତ ପହିଲାଦିନ ସକାଳେ ପତାକା ଉତ୍ତୋଳନ କରି ସୂର୍ଯ୍ୟୋଦୟ ପୂର୍ବରୁ ସୂତାଯଜ୍ଞ ଆରମ୍ଭ କରି ତା୩ରିଖ ରାତି ଘଣ୍ଟା ପର୍ଯ୍ୟନ୍ତ ୯୬ଘଣ୍ଟାରେ ଶେଷ ହୋଇଥିଲା । ସୂତାଯଜ୍ଞରେ ୨୦ଜଣ ଯୋଗ ଦେଇଥିଲେ ।

——

ନାହାସପାଶା ଆହତ
ପୁଲିସ ସଙ୍ଗେ ସଂଘର୍ଷ

କାଇରୋ, ତା ୯।୧୦।୩୮

ଇଜିପ୍ଟର ଭୂତପୂର୍ବ ପ୍ରଧାନମନ୍ତ୍ରୀ ଜାତୀୟବାଦୀ ନାହାସ ପାସା ପଟୁଆର କରି ଜାତୀୟ ନେତା ଜଗଲୁଲ ପାଶାଙ୍କ ସମାଧି ସ୍ତମ୍ଭଉପରେ ଫୁଲମାଳ ଦେବାକୁ କାଇରୋ ସହର ଭିତର ଦେଇ ଗଲାବେଳେ ପୁଲିସ ସଙ୍ଗେ ସଂଘର୍ଷ ହୋଇ ସେ ଓ ତାଙ୍କ ଦଳର ଅନେକ ଆହତ ହୋଇ ଡାକ୍ତର ଖାନାରେ ପଡ଼ିଛନ୍ତି ।

——

ଢେଙ୍କାନାଳ ରାଜ୍ୟରେ ପୁଲିସର ଭୀଷଣ ଗୁଳିଫାଏର
୬ଜଣ ଲୋକ ମରିଯାଇଛନ୍ତି

୯ ଜଣ ଆହତଙ୍କ ମଧ୍ୟରୁ ଡାକ୍ତରଖାନାରେ ଆଜି ଜଣେ ମରିଯାଇଛି
ବାକି ୪।୫ ଜଣଙ୍କ ଅବସ୍ଥା ସାଙ୍ଘାତିକ
ଭୁବନ ଓ ନୀଳକଣ୍ଠପୁର ଦୁଇଜାଗାରେ ଗୁଳି ଫାଏର
କଟକ ସହର ଦୁଲଦୁଲ କମ୍ପୁଛି

କଟକ, ତା ୧୨।୧୦।୩୮

ଆଜି ଏଠାରେ ୯ ଜଣ ଗୁଳିରେ ଆହତ ଲୋକଙ୍କୁ ଜେନାପୁରପଟୁ ଅଣାଯାଇ କଟକ ବଡ଼ ଡାକ୍ତରଖାନାରେ ପଶା ହୋଇଛି । ସେମାନଙ୍କ ଅବସ୍ଥା ଶୋଚନୀୟ ।

ନିମ୍ନଲିଖିତ ବିବରଣୀ ସେମାନଙ୍କ ସଙ୍ଗେ ଆସିଥିବା ଲୋକଙ୍କଠାରୁ ପ୍ରକାଶ ପାଇଛି ।

ଗଲା ୧୦ ତାରିଖ ରାତି ୩ଟାବେଳେ ଭୁଅଡ଼େ ଢେଙ୍କାନାଳ ପୁଲିସ ଫୌଜ ଭୁବନ ଗ୍ରାମରେ ପଶି ଘୋର ଜୁଲମ ଆରମ୍ଭ କଲେ ଓ କେତେ ଲୋକଙ୍କୁ ଗିରଫ କଲେ । ସେତେବେଳେ ଅନେକ ଲୋକ ଆସି ଜମା ହୋଇଥିଲେ । ପୁଲିସ ଫୌଜ ଲୋକଙ୍କୁ ଘଉଡ଼ାଇ ଦେବାକୁ ଲାଗିଲେ । ସେମାନେ ନ ଯିବାରୁ ସେମାନଙ୍କ ଉପରେ ଗୁଳି ଚଳାଇଲେ ।

ଗୁରିଆ ନାଏକ ଓ ରଘୁନାଏକ ନାମରେ ୨ଜଣ ଲୋକର ମୁଣ୍ଡରେ ଗୁଳି ବାଜି ସେ ସଙ୍ଗେ ସଙ୍ଗେ ମରି ଯାଇଛନ୍ତି ।

ଏହାଛଡ଼ା ଭୁବନର ୧୩ବର୍ଷବୟସ୍କ ନଟବର ଦାସ, ମହନ୍ତ ସାହୁ, କାଠିସାହୁ, ସାନପାଟଣାର ମଧୁ ସାହୁ, ତଳକୂଳପାଟଣାର ରତନ ନାଏକ, ଭିତର ପାଟଣାର ନାରଣ ସାହୁ, ଘାସିରାମପୁର ପାଟଣାର ଦଧି ସାହୁ, ତଳକୂଳ ପାଟଣାର ବାଇଧର ବେହେରାଙ୍କ ମଧ୍ୟରୁ ବିଶେଷ ଭାବରେ ଆହତ ହୋଇଥିବାର ଖବର ମିଳେ ।

ନୀଳକଣ୍ଠପୁରରେ
ଭୀଷଣ ଗୁଳିଫାଏର

୪ ଜଣ ମରିଛନ୍ତି, ୯ ଜଣ ଆହତ ହୋଇ ଆସିଛନ୍ତି

ପ୍ରକାଶ ଯେ ୧୧ ତାରିଖ ବ୍ରାହ୍ମଣୀ ନଦୀ କୂଳରେ ନୀଳକଣ୍ଠପୁରଠାରେ ସକାଳେ ଭୁବନ ପୁଲିସ ଷ୍ଟେସନରେ ୪୦ ଜଣ ସଶସ୍ତ୍ର ପୁଲିସ ଆସି ପହଞ୍ଚିଲେ । ଡାକ୍ତରଖାନାରେ ପଡ଼ିଥିବା ୯ଜଣ ଆହତ ଲୋକଙ୍କଠାରୁ ଓ ତାଙ୍କ ସଙ୍ଗେ ଆସିଥିବା ଲୋକଙ୍କ କଥାରୁ ପ୍ରକାଶ ଯେ ପୁଲିସବାଲା ଗାଁବାସୀଙ୍କୁ ନଈ ପାରହେବା ପାଇଁ ଡଙ୍ଗା ମାଗିଲେ । ଗାଁ ବାସୀମାନେ ଭୁଅଡ଼େ ଡଙ୍ଗା ଦେବାକୁ ନାରାଜ ହେବାରୁ ପୁଲିସଫୌଜ କେଉଟମାନଙ୍କ ଡଙ୍ଗାରେ ଜବରଦସ୍ତି ବସିଲେ ଓ ଡଙ୍ଗାକୁ କୂଳରୁ ଛଡ଼ାଇ ଲୋକଙ୍କ ଉପରକୁ ଗୁଳି ଫାଏର କଲେ । ଗୁଳି ଗୋଳରେ ଲକ୍ଷ୍ମଣ ମଲ୍ଲିକ, ବାବାଜି ରାଉତ, କୁଶୀ ପ୍ରଧାନ ଓ ନଟ ମଲ୍ଲିକ ସେଠାରେ ସଙ୍ଗେ ସଙ୍ଗେ ମରି ଢଳି ପଡ଼ିଲେ ।

ବାକୀ ଗୁଳି ଗୋଳରେ ଗୁରୁତର ଭାବରେ ଆହତ ଲୋକଙ୍କ ଭିତରୁ ପାଣୁ ଲେଙ୍କା, ଭାସ୍କର ସାହୁ, ଭୀମ ସାହୁ, ନରହର ସାହୁ, ଗଙ୍ଗା ସାହୁ, ପଦ୍ମ ସାହୁ, ଧନ ସାହୁ ଓ ଫଗୁ ସାହୁ ମରଣାତ୍ମକ ଅବସ୍ଥାରେ ପଡ଼ିଗଲେ । ସେମାନଙ୍କୁ ଗୋଟାଇ ରେଲଯୋଗେ କଟକ ବଡ଼ ଡାକ୍ତରଖାନାକୁ ଅଣା ହୋଇଛି । ଆଜି ସକାଳ ସାଢ଼େ ୭ଟାବେଳେ କଟକ ଡାକ୍ତରଖାନାରେ ଫଗୁ ସାହୁର ମୃତ୍ୟୁ ହୋଇଯାଇଛି । ପୁଲିସ ମାରଫତରେ ସେ ଶବର ଶବଚ୍ଛେଦ ହେଲା । ଡାକ୍ତରମାନେ କହୁଛନ୍ତି ଯେ ଅନ୍ୟମାନଙ୍କ ଭିତରୁ ୪।୫ ଜଣଙ୍କ ଅବସ୍ଥା ଖୁବ ସାଙ୍ଘାତିକ । ବଞ୍ଚିବାର ଆଶା କମ ।

ପାଣୁ ଲେଙ୍କାର ବାଁ ଗୋଡ଼ ଜଙ୍ଘରେ ବାଁ ହାତ ଅଙ୍ଗୁଠିରେ ଗୁଳି ମାଡ଼ ହୋଇଛି । ଭାସ୍କର ସାହୁର ବାଁ ହାତ କହୁଣୀରେ ଗୁଳି ବାଜିଛି । ତା ଅବସ୍ଥା ସାଙ୍ଘାତିକ । ଗଙ୍ଗାଧର ସାହୁର ଡାହାଣ ଜଙ୍ଘରେ ଗୁଳି ବାଜିଛି, ଅବସ୍ଥା ଗୁରୁତର । ଧନ ସାହୁର ବାଁ ହାତ ବାହା ଦେହରେ ଗୁଳି ବାଜିଛି । ପଦ୍ମ ସାହୁର ଅଣ୍ଟାରେ ଗୁଳି ବସିଛି । ଭୀମ ସାହୁର ଡାହାଣପଟ ଖୁଆରେ ଓ ପିଠିରେ ଛନକାଗା ଗୁଳି ମାଡ଼ ଦ୍ୱାରା ଫୁଟିଯାଇଛି । ନରହର ସାହୁର ସାଥି ତଳ କଙ୍କାଳ ଓ କଟୀରେ ଗୁଳିମାଡ଼ ହୋଇଛି । ଧନୀ ସାହୁର ବାମ ହାତରେ ଓ ବାହାରେ ଗୁଳି ଗୋଟି ବସିଛି ।

ପ୍ରକାଶ ଯେ ଆଉ ୫୦ଜଣ ସରିକି ଲୋକ ଆହତ ହୋଇଛନ୍ତି । ସେମାନଙ୍କୁ କଟକ ଅଣା ହୋଇନାହିଁ ।

ଢେଙ୍କାନାଳ ତାର

ଢେଙ୍କାନାଳ ପ୍ରଚାର ବିଭାଗ ତାର ଖବରରେ ପ୍ରକାଶ ଯେ ବାବୁ ବିନୟ ଘୋଷ ମେଜେଷ୍ଟର ଓ ପୁଲିସ ଫୌଜ ଆତ୍ମରକ୍ଷା ପାଇଁ ଗୁଳି ଫାଏର ଆଦେଶ କରିଥିଲେ । ତାର ସମ୍ବାଦରେ ପ୍ରଚାର ବିଭାଗ ଅଫିସର ଲେଖିଛନ୍ତି - କେତେଜଣ ମରିଯାଇ ପାରିଥାନ୍ତି, କିନ୍ତୁ ସଂଖ୍ୟା ଜଣାନାହିଁ । କାରଣ ଘୋଷ ଏବଂ ପୁଲିସ ଫୌଜ ଗିରଫଦାର ଲୋକଙ୍କ ସହିତ ନିଜକୁ ରକ୍ଷା କରିବାପାଇଁ ପଳାଇ ଆସିଛନ୍ତି, ପୁଲିସ ପକ୍ଷରୁ କେହି ମରି ନାହାନ୍ତି । କେତେ ଜଣଙ୍କ ଦେହରେ ଖଣ୍ଡିଆ-ଖାବରା ହୋଇଛି ବୋଲି ଲେଖିଛନ୍ତି । ବାବୁ ଲକ୍ଷ୍ମୀଧର ସାହୁଙ୍କ ମାଡ଼ ହେବା କଥା ଅମୂଳକ ବୋଲି ଏଥିରେ ଲେଖା ହୋଇଛି ।

—ଃ—

ତାଳଚେରରୁ ବନ୍ଦୀ ଆସିଲେ

ଢେଙ୍କାନାଳରେ ସଶସ୍ତ୍ର ପୁଲିସବାହିନୀ

ଢେଙ୍କାନାଳଷ୍ଟେସନ, ତା୧୨।୧୦।୩୮

ଢେଙ୍କାନାଳର ପରଜଙ୍ଗ ପ୍ରଭୃତି ଅଞ୍ଚଳରୁ ଯେଉଁ ୪୦ଜଣ ବନ୍ଦୀଙ୍କୁ ତାଳଚେରର ଜେଲରେ ରଖା ଯାଇଥିଲା ଆଜି ସେମାନଙ୍କୁ ହାତକଡ଼ି ଦେଇ ଦଉଡ଼ିରେ ବାନ୍ଧି ସଶସ୍ତ୍ର ପୁଲିସ ଫୌଜ ଘେନି ଢେଙ୍କାନାଳକୁ ଆସିଲେ । ଢେଙ୍କାନାଳ ଷ୍ଟେସନଠାରେ ଅନେକ ସଶସ୍ତ୍ର ପୁଲିସ ଜଗି ରହି ସେମାନଙ୍କୁ ଗାଡ଼ିରୁ ନେଇ ଲରିରେ ଭର୍ତ୍ତି କରି ଗଡ଼କୁ ଗଲେ ।

ଭୁବନଠାରେ ଅନେକ ଲୋକ ଗୁଳିରେ ମରିଯାଇ ଥିବା ଖବରରେ ଏଠାରେ ଭାରି ଚହଳ ପଡ଼ି ଯାଇଛି ।

—ଃ—

ଅଠଗଡ଼ରେ ପୁଲିସ ପରେଡ଼

ପୁଣି କେତେ ଘର ଖାନତଲାସ

ଖୁଣ୍ଟୁଣୀ, ତା ୧୧।୧୦।୩୮

କାଲି କଣ୍ଟୋଲ ଅଞ୍ଚଳରେ ଓ ଗଡ଼ରେ ରାସ୍ତାମାନଙ୍କରେ ପୁଲିସ ପରେଡ଼ ଓ ମାର୍ଚ୍ଚିଙ୍ଗ କରୁଛନ୍ତି । କଣ୍ଟୋଲରେ ୨ଜଣଙ୍କ ଘର ଖାନତଲାସ ହୋଇଛି । କୋରଦାକୁ ମଧ୍ୟ ପୁଲିସ ଫୌଜ ଯାଇଥିଲେ । ରାଜ ପ୍ରାସାଦରେ ଷ୍ଟେଟ କର୍ମଚାରୀମାନଙ୍କୁ ନେଇ ଏକ ପରାମର୍ଶ ସଭା ବସିଥିଲା । ଫରେଷ୍ଟ ଗାର୍ଡ ଓ ଚୌକିଦାର ମାନଙ୍କ, ସବୁ ଗଡ଼କୁ ତଲବ କରାହୋଇଛି । କଟେର ସ୍କୁଲ ପ୍ରଭୃତି ୮ଦିନ ପାଇଁ ବନ୍ଦ । 'ସମାଜ' କାଗଜ ଏଠାକୁ ଆସି ବିକ୍ରୀ ହେବା ବିକ୍ରେତାକୁ ଜଣେ ଅଫିସର ଧମକ ଦେଇ ବନ୍ଦ କରି ଦେଇଛନ୍ତି ।

—ଃ—

ମୟୂରଭଞ୍ଜ କେନ୍ଦୁଝରରୁ ପୁଲିଶ

ଢେଙ୍କାନାଳ ଷ୍ଟେସନ ତା ୧୧।୧୦।୩୮

ଢେଙ୍କାନାଳର ପ୍ରାୟ ୧୦ଜଣ ପୁଲିସ ଅଠଗଡ଼କୁ ଯାଇଥିଲେ, ଏଠାରେ ଦରକାର ପଡ଼ିବାରୁ ବାହାରି ଆସିଲେ । ଶୁଣାଯାଏ ଅଠଗଡ଼ ରାଜଦରବାର ମୟୂରଭଞ୍ଜ ଓ କେନ୍ଦୁଝରରୁ ପୁଲିସ ସାହାଯ୍ୟ ମାଗିଥିଲେ । ସେମାନେ ଦେଇ ପାରିବେ ନାହିଁ ବୋଲି ଜଣାଇଥିବାର ପ୍ରକାଶ ।

—ଃ—

ଓଡ଼ିଶା ଆସେମ୍ବ୍ଲି ମେମ୍ବର ଶ୍ରୀଯୁକ୍ତ ଗିରିଜାଭୂଷଣ ଦତ୍ତଙ୍କ ବିବୃତି
ଢେଙ୍କାନାଳ ମିଳାମିଶା ଉଦ୍ୟମ କାହିଁକି ବିଫଳ ହେଲା

କଟକ, ତା ୧୧।୧୦।୩୮

ଓଡ଼ିଶା ଆସେମ୍ବ୍ଲି ମେମ୍ବର ଶ୍ରୀଯୁକ୍ତ ଗିରିଜାଭୂଷଣ ଦତ୍ତଙ୍କଠାରୁ ଢେଙ୍କାନାଳ ରାଜା ଲୋକ ପଠାଇ ଢେଙ୍କାନାଳ ରାଜା ଓ ପ୍ରଜାଙ୍କ ମଧ୍ୟରେ ଗୋଟାଏ ସାଲିସ କରାଇ ଦେବାପାଇଁ ଅନୁରୋଧ କରିଥିଲେ । 'ସମାଜ'ର ପ୍ରତିନିଧି ଗିରିଜା ବାବୁଙ୍କ ସଙ୍ଗେ ସାକ୍ଷାତ କରି ତାଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ ନିମ୍ନଲିଖିତ ବିବୃତି ଦେଇଛନ୍ତି—

"ଗତ ସେପ୍ଟେମ୍ବର ୩୦ ତାରିଖ ଦିନ ଢେଙ୍କାନାଳର ଉଆସ ଡାକ୍ତର ଶ୍ରୀଯୁକ୍ତ ଦଇତାରି ଙ୍କ ମୋ ପାଖକୁ ଆସି ମୋତେ ଢେଙ୍କାନାଳ ଦରବାର ତରଫରୁ ଢେଙ୍କାନାଳର ବର୍ତ୍ତମାନ ଗଣ୍ଡଗୋଳର ଗୋଟାଏ ସାଲିସ କରିଦେବା-ପାଇଁ ଅନୁରୋଧ କରିଥିଲେ । ମୁଁ ଏଥିରେ ରାଜି ହୋଇଥିଲି । ତା ପରଦିନ ଡାକ୍ତର ଦଇତାରି ଙ୍କ ଓ ଢେଙ୍କାନାଳ ପୋଲିସ କମିସନର ମୋ ପାଖକୁ ଆସିଥିଲେ । ମୁଁ ସେମାନଙ୍କୁ ଅନୁଗୁଳର ଘାଣିଗୁଳାଠାକୁ ନେଇଥିଲି । ସେଠାରେ ଢେଙ୍କାନାଳ ଲୋକଙ୍କର ଦରବାରଙ୍କ ଦମନନୀତି ଦ୍ୱାରା କି ଭାବ ହୋଇଛି, ସେମାନଙ୍କୁ ଦେଖାଇ ଦେବାପାଇଁ ଏକ ସଭା ହୋଇଥିଲା । ସେ ସଭାସ୍ଥଳରେ ଆମ୍ଭେମାନେ ଲୋକଙ୍କର ନେତୃସ୍ଥାନୀୟ ଲୋକଙ୍କୁ ଭେଟିଥିଲୁ ଏବଂ ଢେଙ୍କାନାଳ ଅବସ୍ଥାର ସେଠାରେ ଆଲୋଚନା ହୋଇଥିଲା । ତା ପରଦିନ ଢେଙ୍କାନାଳର କୁଆଁଳୋଠାରେ ଗୋଟିଏ ସଭା ହେବାର ସ୍ଥିରହେଲା । ଏ ଆଲୋଚନା ମଧ୍ୟରେ ପୋଲିସ କମିସନର କୁଆଁଳଠାରେ ତା ପରଦିନ ସଭା ନ କରିବାପାଇଁ କହିଲେ । ଏଥିରେ ପ୍ରଜାତରଫ ନେତାମାନେ ଏହି ସର୍ତ୍ତରେ ରାଜି ହେଲେ ଯେ କୌଣସି ଧରପଗଡ଼ ହେବନାହିଁ, ଗାଁ ଘେରାଉ ଇତ୍ୟାଦି ହେବନାହିଁ ଏବଂ ସଶସ୍ତ୍ର ପୋଲିସଙ୍କ ଦ୍ୱାରା ଯେ ଦମନ ଚାଲିଛି ତା ମଧ୍ୟ ବନ୍ଦ ହେବ । ଏ ସର୍ତ୍ତରେ ପୋଲିସ କମିସନର ରାଜି ହୋଇଗଲେ । ତା ପରଦିନ ଅର୍ଥାତ୍ ଅକ୍ଟୋବର ୨ ତାରିଖ ଦିନ ଢେଙ୍କାନାଳ ରାଜା ମୋତେ ଡକାଇ ପଠାଇବାରୁ ମୁଁ ତାଙ୍କ ସଙ୍ଗେ ଦେଖା କରିବାକୁ ଗଲି । ମୁଁ ତାଙ୍କ ସଙ୍ଗେ ରାଜ୍ୟର ଅବସ୍ଥା ବିଷୟରେ କଥାବାର୍ତ୍ତା ହୋଇଥିଲି ଏବଂ କିଭଳି ଭାବରେ ରାଜ୍ୟରେ ପୁଣି ଶାନ୍ତି ପ୍ରତିଷ୍ଠା କରାଯାଇ ପାରିବ ସେକଥା ମଧ୍ୟ ଆଲୋଚନା କରିଥିଲି । ମୁଁ ରାଜାଙ୍କୁ କହିଥିଲି ଯେ ସାଲିସ କଥାବାର୍ତ୍ତା ଆରମ୍ଭ କରିବା ପୂର୍ବରୁ ପ୍ରଜାମଣ୍ଡଳର ସଭାପତି ଶ୍ରୀଯୁକ୍ତ ହରମୋହନ ପଟ୍ଟନାୟକଙ୍କୁ ଖଲାସ କରି ଦିଆଯିବା ଏବଂ ପ୍ରଜାମଣ୍ଡଳ ଉପରୁ କଟକଣା ଉଠାଇ ଦିଆଯିବା ଦରକାର । ଏଥିରେ ମଧ୍ୟ ରାଜା ରାଜି ହୋଇଥିଲେ । ମୁଁ ଏଥି ସଙ୍ଗେ ସଙ୍ଗେ ମଧ୍ୟ ତାଙ୍କୁ ପରିଷ୍କାର ବୁଝାଇ ଦେଇଥିଲି ଯେ ଦମନମୂଳକ ବ୍ୟବସ୍ଥା ସଙ୍ଗେ ସଙ୍ଗେ ବନ୍ଦ କରିଦେବାକୁ ହେବ ଏବଂ ପ୍ରଜାମଣ୍ଡଳର ନେତାମାନେ ନିର୍ଭର ଜବାବ ଦେବେ ଯେ ସେମାନେ ଆଉ ସଭା ଶୋଭାଯାତ୍ରା ଆଦି କରିବେ ନାହିଁ । ରାଜ୍ୟରେ ଯେ ଦମନ ଚାଲିଛି ରାଜା ସେଥିପାଇଁ ଦାୟୀ ନୁହନ୍ତି ବୋଲି ମଧ୍ୟ ରାଜାସାହେବ ମୋତେ କହିଥିଲେ । ସେ କହିଲେ ଯେ ଏହା ପଲିଟିକାଲ ଏଜେଣ୍ଟଙ୍କ ହାତରେ । ପଲିଟିକାଲ ଏଜେଣ୍ଟ ନିଜେ ସୈନ୍ୟ ଏବଂ ସଶସ୍ତ୍ର ପୋଲିସଙ୍କ ସଙ୍ଗେ ସଙ୍ଗେ ରହିଥିଲେ । ରାଜା ମଧ୍ୟ ମତେ ନିର୍ଭର ଜବାବ ଦେଇଥିଲେ ଯେ ଢେଙ୍କାନାଳ ପ୍ରଜାମଣ୍ଡଳର ଉପସଭାପତି ଶ୍ରୀଯୁକ୍ତ ମହେଶ୍ୱର ସୁବାହୁସିଂହଙ୍କ ଯେଉଁ ଘର ଭାଙ୍ଗି ଦିଆଯାଇଥିଲା ତାକୁ ତିଆରି କରାଇଦେବା ଖର୍ଚ୍ଚ ଷ୍ଟେଟ ବହନ କରିବ । ଏହାଦ୍ୱାରା ମୋ ମନରେ ଏ ଧାରଣା ଜନ୍ମିଲା ଯେ ରାଜାସାହେବ ବାସ୍ତବିକ ଦମନ ନୀତି ନ ଧରି ରାଜ୍ୟରେ ଶାନ୍ତି ଓ ସାଧାରଣ ଅବସ୍ଥା ଫେରାଇ ଆଣିବାପାଇଁ ଇଚ୍ଛୁକ । ଏହାପରେ ସେପ୍ଟେମ୍ବର ୩ ତାରିଖ ରାତି ଗୋଟାକ ବେଳେ ମୁଁ ପ୍ରଜାମଣ୍ଡଳ ସଙ୍ଗେ ସାଲିସ କଥାବାର୍ତ୍ତା ଚଳାଇବାପାଇଁ ଅନୁଗୁଳ ଆସିଲି । କିନ୍ତୁ ପ୍ରାୟ ଦିନ
ମୁଁ ଗାଁଗଣ୍ଡା ଘେରାଉ କରି
ମାନଙ୍କ ଉପରେ ଅତ୍ୟାଚା
ଗାଁଗଣ୍ଡା ଲୁଟପାଟ କରିବା ଓ
ଗାଁରେ ସଭା ହେବାର ଥି
ଗିରଫଦାର ହେବନାହିଁ
ହେବନାହିଁ ବୋଲି ତେ
କମିସନର ନିର୍ଭର ଜବା
ସଭା ହେବାକଥା ଥିବ
ଏହାର ଅଳ୍ପ ସମୟ
ଆହତ ଲୋକେ ଆ
ଏବଂ ମୋ ଆଗେ
ଅମାନୁଷିକ କାଣ୍ଡ
କଲେ । ଏସବୁ
ପୋଲିସ ଥାନାରେ
ରହିଲି । ଏଥିମଧ୍ୟ
ତାଙ୍କ ଉପରେ ହେ
ଚିହ୍ନ ଧରି ଆସି
ସେମାନଙ୍କୁ ମଧ୍ୟ
ପାଇଁ ନିଆ ହୋଇ
ମଧ୍ୟ ପୋଲିସ
ରଖିଛନ୍ତି । କ
ସନରଙ୍କଠାରୁ ନିର୍ଭ
ଏସବୁ ଘଟଣା ଘ
ଧାରଣା ହେଲା ଯେ
କରିବା ସୁଦ୍ଧା ମୋ
ହେବ ନାହିଁ । କା
ପକ୍ଷରୁ ହୃଦୟ
ସୂଚନା ମିଳୁନା
ସରକାରର କର୍ମ
ପ୍ରତିଜ୍ଞା କରି ତ
ଅସ୍ୱୀକାର କଥା ... ବକ
ପାଖକୁ ଲେଖିବେ ... ସାଲିସ
କଥା ଚଳାଇବ ... ମୋତେ
ସମ୍ଭବପର ନୁହେ ।"

——

ଢେଙ୍କାନାଳ ରାଜାଙ୍କ ନିକଟକୁ
ଗିରିଜା ବାବୁଙ୍କ ଚିଠିର ନକଲ

ଢେଙ୍କାନାଳ ରାଜାଙ୍କ ନିକଟକୁ ଶ୍ରୀଯୁକ୍ତ ଗିରିଜାଭୂଷଣ ଦତ୍ତ ନିମ୍ନଲିଖିତ ପତ୍ର ପଠାଇଛନ୍ତି

ପ୍ରିୟ ରାଜାସାହେବ,

କୁଆଁଳ ଗାଁରେ ଯେସବୁ ଶୋଚନୀୟ ଘଟଣା ଘଟିଛି ଡାକ୍ତର ଶ୍ରୀ ଦଇତାରି ଙ୍କ ଆପଣଙ୍କୁ ସେସବୁ ଘଟଣା ନିଶ୍ଚୟ ଜଣାଇ ଥିବେ । ସେ ଘଟଣା ଏତେଦୂର ଭୟାବହ ଯେ ମୁଁ ଏ ଅବସ୍ଥାରେ ନିତାନ୍ତ ନିଃସହାୟ ବୋଧ କରୁଛି ଏବଂ ପ୍ରଜାମଣ୍ଡଳ ଲୋକଙ୍କୁ ସାଲିସ ପ୍ରସ୍ତାବ ନେଇ କେଉଁ ମୁହଁରେ ଭେଟିବି ଜାଣି ପାରୁନାହିଁ ।

ମୋର ଆଶା ଆପଣ ମୋତେ ଭୁଲ ବୁଝିବେ ନାହିଁ । ମହାତ୍ମା ଗାନ୍ଧିଙ୍କର ଜଣେ ଅନୁଚର ହିସାବରେ ମୁଁ ବାସ୍ତବିକ ଇଚ୍ଛୁକ ଯେ ପଡ଼ୋଶୀ ରାଜ୍ୟର ରାଜା ଓ ପ୍ରଜାମାନଙ୍କ ମଧ୍ୟରେ ବନ୍ଧୁଭାବ ପ୍ରତିଷ୍ଠା ଦିଗରେ ମୋ ଦ୍ୱାରା ଯାହାହେବ ତାହା କରିବି । ଏହି ହେତୁ ଯେତେବେଳେ ଶ୍ରୀ ଦଇତାରି ଙ୍କ ଏବଂ ରାୟବାହାଦୁର ବି, ବର୍ମନ୍ ଆପଣଙ୍କ ଆଦେଶ-ମତେ ମୋ ସଙ୍ଗେ ଦେଖା କରିଥିଲେ । ମୁଁ ସଙ୍ଗେ ସଙ୍ଗେ ସେ ସୁଯୋଗ ଗ୍ରହଣ କରିଥିଲି ଏବଂ ଆପଣ ଯେତେବେଳେ ମୋତେ ଡକାଇଥିଲେ, ଆପଣଙ୍କ ନିକଟକୁ ସଙ୍ଗେ ସଙ୍ଗେ ଯାଇଥିଲି । ମୁଁ ଜାଣେ ଯେ ବର୍ତ୍ତମାନ ଯେଉଁଭଳି ଗୁରୁତର ଅବସ୍ଥା ସେଥିରେ ମୁଁ ଏପରି କରିବାଦ୍ୱାରା ଅନେକଙ୍କର ମୋ ଉପରେ ନାନା ସନ୍ଦେହ କରିବାର ଆଶଙ୍କା ବହିବାର ରହିଛି । କିନ୍ତୁ ଏ ସବୁ ବ୍ୟକ୍ତିଗତ ବିଷୟର ଉପରେ ମୋର କର୍ତ୍ତବ୍ୟବୋଧ ସ୍ଥାନ ପାଇଥିଲା । ଆପଣଙ୍କ ସଙ୍ଗେ ଦେଖା କରିବା ପରେ ମୁଁ ବାସ୍ତବିକ ବଡ଼ ଆଶାନ୍ୱିତ ହୋଇଥିଲି । ମୋତେ ଜଣା ପଡ଼ୁଥିଲା ଯେ ଲୋକମାନେ ଯେ ଦୁରୂହ ଯନ୍ତ୍ରଣା ମୁଣ୍ଡପାତି ସହୁଛନ୍ତି ତା ଆପଣଙ୍କୁ ତରଳାଇ ଦେଇଛି ଏବଂ ଲୋକଙ୍କ ଦାବୀର ଯଥାର୍ଥତା ବିଷୟରେ ଆପଣଙ୍କର ବିଶ୍ୱାସ ଜନ୍ମାଇଛି । ମୋର ବଡ଼ ଆଶା ଥିଲା ଯେ ଏହା ଫଳରେ ଏକ ସନ୍ତୋଷଜନକ ସମାଧାନ ହୋଇଯିବ ଯାହାହେତୁ ଆଧୁନିକ ଭାରତ ଇତିହାସରେ ଆପଣଙ୍କ ନାମ ଅମର ହୋଇ ରହିବ । କିନ୍ତୁ କୁଆଁଳ ଗାଁରେ ଘଟିଥିବା ଅମାନୁଷିକ କାଣ୍ଡ ମୋତେ ଘୋର ନୈରାଶ୍ୟରେ ବୁଡ଼ାଇ ଦେଇଛି ।

ଆପଣଙ୍କର
ଗିରିଜାଭୂଷଣ ଦତ୍ତ
ଅନୁଗୁଳ, ତା ୫।୧୦।୩୮

——